## ତିରୋଧାନ ଦିବସରେ ପ୍ରବାଦ ପୁରୁଷଙ୍କ ସ୍ମୃତିଚାରଣ

# ବିଜୁବାବୁଙ୍କୁ କାହା ସହ ତୁଳନା କରାଯାଇ ନ ପାରେ








ବଲାଙ୍ଗିର, ୧୭ ।୪(ସମିସ)

ବିଜୁ ପଟ୍ଟନାୟକ ଯଥାର୍ଥରେ ଜଣେ ପ୍ରବାଦ ପୁରୁଷ। ସେ ରାଜ୍ୟ ନୁହେଁ କି ଦେଶ ନୁହେଁ ଜଣେ ଆନ୍ତର୍ଜାତିକ ସ୍ତରର ବ୍ୟକ୍ତି। ବିଜୁ ବାବୁ ଏକ ଆଦର୍ଶ ଏକ ଉଦାହରଣ। ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର। ବିଜୁ ପଟ୍ଟନାୟକଙ୍କ ବିକଳ୍ପ କେହି ନାହାନ୍ତି କି ଆଗକୁ ଆସିବେନି ମଧ୍ୟ ଏହା ଶୁନିଶ୍ଚିତ। ବିଜୁ ବାବୁଙ୍କ ଓଡ଼ିଶା ପ୍ରତି ଅବଦାନ ବର୍ଣ୍ଣନା କଲେ ସରିବନି। ତାଙ୍କ ଅବଦାନକୁ ଏ ଜାତି ମଧ୍ୟ ଭୁଲିବନି। ବିଜୁବାବୁଙ୍କୁ କାହା ସହ ତୁଳନା ମଧ୍ୟ କରାଯାଇ ନ ପାରେ। ଏ ଦେଶ, ଜାତି ଥିବା ପର୍ଯ୍ୟନ୍ତ ବିଜୁ ବାବୁ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ମନେ ରହିଥିବେ। ଶୁକ୍ରବାର ବିଜୁ ବାବୁଙ୍କ ତିରୋଧାନ ଦିବସ ଅବସରରେ ବଲାଙ୍ଗିର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁପ୍ରେମୀମାନେ ତାଙ୍କ ଉପରେ ଏଭଳି ମତ ରଖିଛନ୍ତି।

ବଲାଙ୍ଗିରରେ ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ସକାଳୁ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡିର ପଦାଧିକାରୀ ଓ କର୍ମୀ ମାଲ୍ୟାର୍ପଣ କରିଥିଲେ। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଓ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହାସହ କଲେଜ ଛକ କଲ୍ୟାଣ ମଣ୍ଡପରେ ମାଗଣା ଆଖି ଚିକିତ୍ସା ଶିବିର ଉଦ୍‌ଘାଟନ କରାଯାଇଥିଲା। ବଲାଙ୍ଗିର ପୌର ପରିଷଦର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ବରିଷ୍ଠ କାଉନସିଲର ତଥା ବିଜେଡି ନଗର ସଭାପତି ଶମ୍ଭୁ ନାଗ, ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ଗୁଞ୍ଜି ଖାନ, ସୁମନ ନନ୍ଦ, ଲକ୍ଷ୍ମଣ ମେହେର, କୁଳମଣୀ ମେହେର, ନିହାର ସ୍ୱାଇଁ, ସନ୍ତୋଷ ଦନ୍ତା, ଜିଲ୍ଲା ସୋସିଆଲ ମିଡିଆ ଇନଚାର୍ଜ ବିଭୁତି ଭୂଷଣ ମିଶ୍ର, ଶତ୍ରୁଘନ ବାଗ, ଗଙ୍ଗାଧର ଚାନ୍ଦ, ଜୟରାମ ମିଶ୍ର, ବଣ୍ଟି ଚାନ୍ଦ, ଶାନ୍ତନୁ ଭୋଇ, ଅଚ୍ୟୁତ ମିଶ୍ର, ଆଶୀର୍ବାଦ ସାହୁ, ମନୋରଞ୍ଜନ ମହାକୁର, ରଞ୍ଜନ ମିଶ୍ର, ଜିତେନ୍ଦ୍ର ମିଶ୍ର, ବସୁମତି ସେଠ୍, ମମତା କୁମରା ପ୍ରମୁଖ ଉପସ୍ଥିତ ଥିଲେ।

**ଲୋଇସିଂହା:** ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଆଗଲପୁର ବ୍ଲକ ରୁଗୁଡ଼ିଖାଲ ରାମ ମନ୍ଦିର ପ୍ରାଙ୍ଗଣରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତୀନ ପଟେଲ, ଆଗଲପୁର ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଦାସ, ଆଗଲପୁର ବ୍ଲକ ଉପାଧ୍ୟକ୍ଷା ନିରୁପମା ପଧାନ, ଜିଲ୍ଲା ପରିଷଦ ସଭ୍ୟା ବୀଣାପାଣି ଦାସ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ବିଜୟ ଦାସ, ଜିଲ୍ଲା ବିଜେଡି ସମ୍ପାଦକ ପଞ୍ଚୁ ପଧାନ, ଗୋବର୍ଦ୍ଧନ ସାହୁ, ଲୋଇସିଂହା ବ୍ଲକ ମହିଳା ସଭାପତି ଜ୍ୟୋତ୍ସ୍ନାମୟୀ ନାଗ, ମହିଳା ନେତ୍ରୀ ବବିତା ପୁଟେଲ, ବିଜେଡି ଯୁବ ସଭାପତି ନାରାୟଣ ସାହୁ, ପ୍ରମୋଦ ମିଶ୍ର, କେଶବ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଗଲପୁର ବ୍ଲକ ବିଜେଡି ସଭାପତି ଉତ୍ତମ ଭୋଇ ସଭାପତିତ୍ୱ କରିଥିବାବେଳେ ଲୋଇସିଂହା ସମିତି ସଭ୍ୟ ସୁଶୀଲ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

**କଣ୍ଟାବାଞ୍ଜି:** କଣ୍ଟାବାଞ୍ଜିରେ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ବିଜେଡି ନେତ୍ରୀ ନିରୂପମା ମାଝୀଙ୍କ ଅଧ୍ୟକ୍ଷତାରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜୁପ୍ରେମୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ କଣ୍ଟାବାଞ୍ଜି ମେଡ଼ିକାଲ ପରିସରରେ ଥିବା ବିଜୁ ବାବୁଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜେଡି ଯୁବନେତା ଗିରିରାଜ ସିଂହ ମାଝୀ, ବଙ୍ଗୋମୁଣ୍ଡା ବ୍ଲକ ପୂର୍ବତନ ଜିଲ୍ଲା ପରିଷଦ ଉଦ୍ଧବ ବେହେରା, ତୁରେକେଲା ବ୍ଲକ ପୂର୍ବତନ ସଭାପତି ଆସାଦୁଲା ଖାଁ, ଜିଲ୍ଲା ସାଧାରଣ ସମ୍ପାଦକ ଦେବାର ବାରିକ, ପୂର୍ବତନ ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଦେବରାଜ ଯାଦବ, ପୂର୍ବତନ ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, କଣ୍ଟାବାଞ୍ଜି ଏନଏସି ପୂର୍ବତନ ଯୁବ ସଭାପତି ବିଷ୍ଣୁ ପ୍ରାସାଦ ଯୁଏଡ, ଅଶୋକ କୁଅଁର, ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକ ଯୁବ ସଭାପତି ପ୍ରେମିଶ ଚନ୍ଦ୍ର ବାଗ, ତୁରେକେଲା ବ୍ଲକ ପୂର୍ବତନ ଉପସଭାପତି ବିଶ୍ୱନାଥ ସାହୁ, ଦୈତାରି ଭୋଇ, ଅମିତ ସାହୁ, ତପନ ସାହୁ, ଦୀପକ ଘିବେଲା, ଦିଲୀପ ସାହୁ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ତ୍ରିବିକ୍ରମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ସିଲିଣ୍ଡର କାରବାର ଉପରେ ଚଢ଼ଉ ନିର୍ଦ୍ଦେଶ

**● ଚିକିତ୍ସାଳୟ, ଆଶ୍ରମ ବିଦ୍ୟାଳୟକୁ ଆବଶ୍ୟକ ଅନୁସାରେ ଯୋଗାଣ ପାଇଁ ନିର୍ଦ୍ଦେଶ**

ବଲାଙ୍ଗିର, ୧୭ ।୪(ସମିସ): ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲାପାଳ ଶ୍ରୀ ଗୌରୱ ଶିୱାଜୀ ଇସଲୱାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବଲାଙ୍ଗିର ଜିଲ୍ଲାରେ ପେଟ୍ରୋଲିୟମ ଉତ୍ପାଦର ଯୋଗାଣ ବ୍ୟବସ୍ଥା ଓ ତଦାରଖ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଘରୋଇ ଏଲପିଜି ସିଲିଣ୍ଡରର ଅବୈଧ ବ୍ୟବସାୟିକ ବ୍ୟବହାରକୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ନିୟମିତ ଚଢଉ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଚିକିତ୍ସାଳୟ ଓ ଆଶ୍ରମ



ବିଦ୍ୟାଳୟରେ ଆବଶ୍ୟକ ଅନୁସାରେ ଏଲପିଜି ସିଲିଣ୍ଡର ଯୋଗାଣ ସୁନିଶ୍ଚିତ କରିବାକୁ ଅଧିକାରୀଙ୍କୁ କହିଥିଲେ। ଘରୋଇ ଏଲପିଜି, ବ୍ୟବସାୟିକ ଏଲପିଜି, ପେଟ୍ରୋଲ ଓ ଡିଜେଲର ଗଚ୍ଛିତ ପରିମାଣ ସହ ପେଟ୍ରୋଲ ପମ୍ପଗୁଡ଼ିକରେ ଉପଲବ୍ଧ ଥିବା ୫ କିଲୋଗ୍ରାମ ଏଲପିଜି ସିଲିଣ୍ଡର ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କଠାରୁ ଜିଲ୍ଲାପାଳ ବିସ୍ତୃତ ତଥ୍ୟ ଗ୍ରହଣ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଡିଆରସିଏସ ପ୍ରମୋଦ ବରିହା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଡେପୁଟି କଲେକ୍ଟର (ଜରୁରୀକାଳୀନ ବିଭାଗ) ଶୋଭିନା ଭୋଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ, ଜିଲ୍ଲା କୃଷି ଅଧିକାରୀ ଧୀରେନସିଂ ବରିହା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ସାଧାରଣ ପରିଚାଳକ (ଜିଲ୍ଲା ଶିଳ୍ପ କେନ୍ଦ୍ର) ନିହାର ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପେଟ୍ରୋଲିୟମ ଯୋଗାଣ କମ୍ପାନୀର ଅଧିକାରୀ, ସହାୟକ ଯୋଗାଣ ଅଧିକାରୀ (ସଦର ମହକୁମା) ପୀତବାସ ମଲ୍ଲିକ, ଶରତ ରାଉତ, ଗୋକୁଳ ଚନ୍ଦ୍ର ଭୋଇ ଓ ପ୍ରଣତୀ ପୁଷ୍ଟି ବୈଠକରେ ଯୋଗ ଦେଇଥିଲେ।

## ପର୍ଶୁରାମ ପ୍ରତିମୂର୍ତ୍ତି ଅନାବରଣ ପାଇଁ ପ୍ରସ୍ତୁତି



ବଲାଙ୍ଗିର, ୧୭ ।୪(ସମିସ): ୧୯ ତାରିଖ ରବିବାର ପର୍ଶୁରାମ ଜନ୍ମ ଉତ୍ସବ। ଏହି ଉପଲକ୍ଷେ ଜିଲ୍ଲା ବ୍ରାହ୍ମଣ ମହାସଭା ଓ ପର୍ଶୁରାମ ବାହିନୀ ଆନୁକୂଲ୍ୟରେ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ସହୟତାରେ ପର୍ଶୁରାମ ଛକଠାରେ ଏକ ସୁଉଚ୍ଚ ବିଶାଳକାୟ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ କରାଯିବ। ଜିଲ୍ଲା ବ୍ରାହ୍ମଣ ମହାସଭାର ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠୀ, ସମ୍ପାଦକ ନରେନ୍ଦ୍ର ଆଚାର୍ଯ୍ୟ, ପର୍ଶୁରାମ ବାହିନୀର ସଭାପତି ବିଧୁ ଭୂଷଣ ତ୍ରିପାଠୀ ଓ ପର୍ଶୁରାମ କମିଟିର ଆବାହକ ଶିବ ଶଙ୍କର ଖୁଆସ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସକାଳ ୮ଟାରେ ଶ୍ରୀ ନୃସିଂହ ମନ୍ଦିରରେ ପର୍ଶୁରାମଙ୍କ ଜନ୍ମ ଉତ୍ସବ ପାଳନ ହେବ। ବ୍ରାହ୍ମଣ ସମାଜର ସହ ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠୀ ଓ ତାଙ୍କ ପତ୍ନୀ ମେନକା ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇବେ। ସନ୍ତୋଷ ମିଶ୍ରଙ୍କ ଦ୍ୱାରା ପୂଜାବିଧି ସମାହିତ ହେବ। ସେହିଭଳି ଏକ ବିରାଟ ମୋଟର ସାଇକଲ ଯାତ୍ରା ବାହାରିବ। ଏହି ଉତ୍ସରେ ଦିବ୍ୟ ଜୀବନ ସଂଘର ରାଜ୍ୟମୁଖ୍ୟ ସ୍ୱାମୀ ଶିବା ଚିଦାନନ୍ଦ ସରସ୍ୱତୀ ମହାରାଜ, ସର୍ବର୍ ଭାରତୀୟ ବ୍ରାହ୍ମଣ ଫେଡେରେସନର ସଭାପତି ପ୍ରଦୀପ ଯୋଷୀ (କେରଳ), ଲୋକେନ୍ଦ୍ର ଶର୍ମା ଉପସଭାପତି (ରାଜସ୍ଥାନ), ଓଡିଆ ବିଶ୍ୱବିଦ୍ୟାଳୟର ଉପକୂଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ (ସତ୍ୟବାଦୀ, ପୁରୀ), ଅଖିଳ ଓଡ଼ିଶା ବ୍ରହ୍ମଣ ମହାସଭାର ସଭାପତି ମହନ୍ତ ପର୍ଶୁରାମ ମହାରାଜ ଓ ସାଧାରଣ ସମ୍ପାଦକ ବ୍ରହ୍ମଚାରୀ ହରିଚରଣ ଦାଶ ମହାରାଜ ଯୋଗ ଦେବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲ୍ଲା ବ୍ରାହ୍ମଣ ମହାସଭାର ବରିଷ୍ଠ ଉପଦେଷ୍ଟା ଜୟରାମ ମିଶ୍ର, ପର୍ଶୁରାମ ନାୟକ, ଉପସଭାପତି ସୁଶ୍ରୀ ରାଜଶ୍ରୀ ତ୍ରିପାଠୀ ଓ କିଶୋର ପୁରୋହିତ, କୋଷାଧ୍ୟକ୍ଷ ରାଜେନ୍ଦ୍ର ମିଶ୍ର, ସଂଗଠନ ସମ୍ପାଦକ ସୋମନାଥ ମିଶ୍ର, ନଗର ସଭାପତି ରାକେଶ ପଣ୍ଡା, ପର୍ଶୁରାମ ବାହିନୀର ସମ୍ପାଦକ ସୁରେଶ ମିଶ୍ର, କୋଷାଧ୍ୟକ୍ଷ ସୁବ୍ରତ ରଞ୍ଜନ ମିଶ୍ର, କାର୍ଯ୍ୟକାରୀ କମିଟିର ସଭ୍ୟ ଗିରିଶ ଚନ୍ଦ୍ର ପଣ୍ଡା, ଶିବ ନାରାୟଣ ରଥ, ଜଗଦୀଶ ପ୍ରସାଦ ନାଥ, ସନ୍ତୋଷ ତ୍ରିପାଠୀ, ସୁବାଷ ଶତପଥୀ, ଗୋବିନ୍ଦ ଶତପଥୀ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ବିବାଦରେ ବଲାଙ୍ଗିର ଜିଲ୍ଲା ଖଣି ଅଧିକାରୀ

**● ବେଆଇନ ବାଲି ଚାଲାଣ ଟ୍ରାକ୍ଟର ଧରି ୨୫ ହଜାର ଟଙ୍କା ଦାବି କରିଥିଲେ**
**● ୬ ଘଣ୍ଟା ଅଟକ ପରେ ନୋଟିସ ଦେଇ ଛାଡିଦେଲା ପୁଲିସ**

ପାଟଣାଗଡ଼, ୧୭ ।୪(ସମିସ): ବିବାଦରେ ଫସିଛନ୍ତି ବଲାଙ୍ଗିର ଜିଲ୍ଲା ଖଣି ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତ। ତାଙ୍କ ନାମରେ ଲାଞ୍ଚ କାରବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପାଟଣାଗଡ଼ ଥାନାରେ ପୁଲିସ ତାଙ୍କୁ ଅଟକ ରଖି ୬ ଘଣ୍ଟା ପରେ ଛାଡି ଦେଇଛି। ବେଆଇନ ବାଲି ଚାଲାଣକୁ ନେଇ ସେ ଫୋନ୍ ପେରେ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ମାର୍ଚ୍ଚ ୩୧ ତାରିଖ ଦିନ ବେଲପଡ଼ା ଅଞ୍ଚଳରେ ସିହିନୀ ଗ୍ରାମର ଦିବାକର ନାଏକଙ୍କ



ଟ୍ରାକ୍ଟର ବେଆଇନ ଭାବେ ବାଲି ଚାଲାଣ କରୁଥିବା ବେଳେ ଜିଲ୍ଲା ଖଣି ଅଧିକାରୀ ଶ୍ରୀ ମହନ୍ତ ଧରିଥିଲେ। ଗାଡ଼ି ମାଲିକଙ୍କୁ ଖଣି ଅଧିକାରୀ ୨୫ ହଜାର ଟଙ୍କା ଦାବି କରିଥିଲେ। ତେବେ ଏହି ଟଙ୍କା ବେଲପଡ଼ା ଥାନା ଘାଗୁର୍ଲି ଗାଁର ଅଂଶୁମାନ ପାଣିଗ୍ରାହୀଙ୍କୁ ଦେଇଦେବା ପାଇଁ ଖଣି ଅଧିକାରୀ ଗାଡ଼ି ମାଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ନାୟକ ୨ଟି ପର୍ଯ୍ୟାୟରେ ୧୨ ଓ ୧୩ ହଜାର ଟଙ୍କା ୟୁପିଆଇ ମାଧ୍ୟମରେ ଦେଇଥିଲେ। ଏହାକୁ ନେଇ ଶ୍ରୀ ନାୟକ ନିକଟରେ ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓଙ୍କୁ ପାଟଣାଗଡ଼ ବାସଭବନରେ ଭେଟି ଅଭିଯୋଗ ଆଣିଥିଲେ। ସେଠାରେ ଜିଲ୍ଲାପାଳ ଓ ଏସ୍‌ପି ମଧ୍ୟ ଉପସ୍ଥିତ ଥିଲେ। ଅଭିଯୋଗ ପରେ ସଙ୍ଗେ ସଙ୍ଗେ ଖଣି ଅଧିକାରୀଙ୍କୁ ଡାକରା ହୋଇଥିଲା। ଖଣି ଅଧିକାରୀ ପାଟଣାଗଡ଼ ଆସିଥିଲେ। ଉପମୁଖ୍ୟମନ୍ତ୍ରୀ ୟୁପିଆଇ ପ୍ରମାଣ ଦେଖାଇବାରୁ ଖଣି ଅଧିକାରୀଙ୍କ ପାଟି ଖନି ମାରିଥିଲା। ଉପମୁଖ୍ୟମନ୍ତ୍ରୀ ତୁରନ୍ତ ଘଟଣାର ତଦନ୍ତ ପାଇଁ ଉପସ୍ଥିତ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଖଣି ଅଧିକାରୀଙ୍କୁ ତୁରନ୍ତ ପାଟଣାଗଡ଼ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରାଯାଇଥିଲା। ତେବେ ଖଣି ଅଧିକାରୀ ଏହି ଟଙ୍କା ଟ୍ରେଜେରିରେ ଜମା କରିଥିବା କହିଥିଲେ। ସନ୍ଧ୍ୟା ୭ଟା ୪୫ରେ ପୁଲିସ ଖଣି ଅଧିକାରୀଙ୍କୁ ଛାଡିଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର କୌଣସି ଉତ୍ତର ନ ରଖି ଖଣି ଅଧିକାରୀ ତାଙ୍କ ଗାଡ଼ିରେ ବସି ପଳାଇଥିଲେ।

**● ରାଜ୍ୟରେ ୪ ପ୍ରସ୍ତାବିତ କୃଷି ଭିତ୍ତିକ କଲେଜ ପାଇଁ ୫୦ କୋଟି**

## ବଲାଙ୍ଗିର କୃଷି ବିଜ୍ଞାନ କଲେଜ ପାଇଁ ୧୦ କୋଟି

ବଲାଙ୍ଗିର, ୧୭ ।୪(ସମିସ): ଭୁବନେଶ୍ୱର ଓୟୁଏଟି ଅଧୀନରେ ନୂତନ ଭାବେ ଘୋଷିତ ୪ଟି କୃଷି ଭିତ୍ତିକ କଲେଜ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସମୁଦାୟ ୫୦ କୋଟି ଟଙ୍କାରୁ ପ୍ରସ୍ତାବିତ ବଲାଙ୍ଗିର କୃଷି ବିଜ୍ଞାନ ମହାବିଦ୍ୟାଳୟ ପାଇଁ ୧୦ କୋଟି ଟଙ୍କା ନିର୍ଦ୍ଧାରିତ କରାଯାଇଛି। ଭୁବନେଶ୍ୱର ଓୟୁଏଟି ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଡିପିଆରରେ ପ୍ରସ୍ତାବିତ କଲେଜ ୧୨୦ ଆସନ ସଂଖ୍ୟା ବିଶିଷ୍ଟ ହେବ। ଅଧ୍ୟାପକ ଅଧ୍ୟାପିକା ସଂଖ୍ୟା ୨୩ ରହିବ ବୋଲି। ନନ୍ ଟିଚିଂ ଷ୍ଟାଫ ସଂଖ୍ୟା ୩୭ ରହିବ। ଡିନ୍‌ଙ୍କ କାର୍ଯ୍ୟାଳୟ ସହ ୧୪ ଜଣ କର୍ମଚାରୀ ରହିବେ। ପ୍ରସ୍ତାବିତ ମହାବିଦ୍ୟାଳୟ ଲାଗି ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯିବ। ବର୍ଷ ପ୍ରତି ୧ କୋଟି ଟଙ୍କା ଖର୍ଚ୍ଚ ହେବ। କଲେଜ ସ୍ଥାପନ ପାଇଁ ୧୫ ଏକର ଜାଗା ଆବଶ୍ୟକ ରହିଛି। ସୂଚନା ଅଧିକାର ଆଇନରେ ଏହି ତଥ୍ୟ ମିଳିଛି। ରାଜ୍ୟରେ ୪ଟି ନୂତନ କୃଷି ଭିତ୍ତିକ କଲେଜ ଖୋଲିବା ପାଇଁ ରାଜ୍ୟ ସରକାର ଗତ ବିଧାନସଭା ବଜେଟ ଅଧିବେଶନରେ ଘୋଷଣା କରିଥିଲେ। ଭୁବନେଶ୍ୱର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ବଲାଙ୍ଗିରରେ କୃଷି ବିଜ୍ଞାନ କଲେଜ, ସୁବର୍ଣ୍ଣପୁରରେ ମତ୍ସ୍ୟ ବିଜ୍ଞାନ, ଚିପିଲିମାରେ ପ୍ରାଣୀ ବିଜ୍ଞାନ ଓ ମୟୂରଭଞ୍ଜରେ ଏକ କୃଷି ବିଜ୍ଞାନ କଲେଜ ପ୍ରତିଷ୍ଠା କରିବାକୁ ରାଜ୍ୟ ବଜେଟରେ ପ୍ରସ୍ତାବ ସ୍ଥାନ ପାଇଥିଲା। ଏହା ମଧ୍ୟରୁ ବଲାଙ୍ଗିରରେ ସ୍ଥାପନ ହେବାକୁ ଥିବା କୃଷି ବିଜ୍ଞାନ କଲେଜର ସବିଶେଷ ତଥ୍ୟ ଜାଣିବା ପାଇଁ ବଲାଙ୍ଗିରର ବିଶିଷ୍ଟ ସୂଚନା କର୍ମୀ ହେମନ୍ତ ପଣ୍ଡା ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗକୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବଜେଟ ଓ ଫାଇନାନ୍ସ ସେକ୍ସନ ପକ୍ଷରୁ ଜନ ସୂଚନା ଅଧିକାରୀ ତଥା ଉପ ସଚିବ ଦେବାଶିଷ ସାହୁଙ୍କ ପକ୍ଷରୁ ଶେଷରେ ଏହି ସୂଚନା ଦିଆଯାଇଛି। କିନ୍ତୁ କେବେ ସୁଦ୍ଧା ପ୍ରସ୍ତାବିତ କଲେଜରେ ଶିକ୍ଷାଦାନ ଆରମ୍ଭ ହେବ ସେ ବିଷୟରେ କୌଣସି ତଥ୍ୟ ପ୍ରଦାନ କରାଯାଇ ନାହିଁ।

## ଯୋଗ, ଯଜ୍ଞ ଓ ପ୍ରାକୃତିକ ଚିକିତ୍ସା ଶିବିର



ବଲାଙ୍ଗିର, ୧୭।୪(ସମିସ): ସ୍ଥାନୀୟ ଆର୍ଯ୍ୟ ମନ୍ଦିର ପରିସରରେ ୩ ଦିନିଆ ଯୋଗ, ଯଜ୍ଞ ଓ ପ୍ରାକୃତିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲାରେ ଲୋକଙ୍କ ଭିତରେ ଯୋଗ ପ୍ରତି ସଚେତନତା ସୃଷ୍ଟି କରିବା, ପ୍ରାକୃତିକ ଚିକିତ୍ସା ଦ୍ୱାରା ସୁସ୍ଥ ରହିବା, ଅଳ୍ପ ଖର୍ଚ୍ଚ ଓ ସମୟରେ ଆଧ୍ୟାତ୍ମିକ ପରିବେଶରେ ସୁସ୍ଥ ଓ ଶାନ୍ତି ବାତାବରଣରେ ରହିବା ଲକ୍ଷ୍ୟ ନେଇ ଏହି ଶିବିର ଆରମ୍ଭ ହୋଇଛି। ଜିଲ୍ଲା ଯୋଗ ଶିକ୍ଷକ ସଂଘ ଦ୍ୱାରା ଅନୁଷ୍ଠିତ ଏହି ଶିବିରକୁ ସଂଘ ସଭାପତି ଅଶୋକ ଅଗ୍ରୱାଲ ପରିଚାଳନା କରିଥିଲେ। ଏହି ଶିବିରର ପ୍ରଥମ ଓ ଦ୍ୱିତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ ଯୋଗଶିକ୍ଷା ପ୍ରଦାନ କରାଯାଇଥଲା। ଦ୍ୱିତୀୟ ପର୍ଯ୍ୟାୟରେ ନାଡି ବୈଦ୍ୟ ଡ. ଅଜୟ ସାହୁ ଶିବିରାର୍ଥୀଙ୍କ ନାଡି ପରୀକ୍ଷା କରି ବିଭିନ୍ନ ପ୍ରକାର ପ୍ରାକୃତିକ ଚିକିତ୍ସା ପ୍ରୟୋଗ କରିଥିଲେ। ଅତିଥି ଭାବେ ଚାଟାର୍ଡ ଆକାଉଣ୍ଟାଣ୍ଟ ଆଶୁତୋଷ ଅଗ୍ରୱାଲ, ଆର୍ଯ୍ୟୁବେଦିକ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଶିବବ୍ରତ ବେହେରା, ହୋମିଓପାଥି ଡାକ୍ତର ଅଶୋକ ସେଠୀ, ବୀଣାପାଣି ଶିକ୍ଷା ନିକେତନ ପ୍ରତିଷ୍ଠାତା ଅଶୋକ ମେହେର, ଡ. ଜ୍ୟୋତିରଞ୍ଜନ ମେହେର, ଚକ୍ରପାଣି ମିଶ୍ର, ଆଶୁତୋଷ ମିଶ୍ର ପ୍ରମୁଖ ଯୋଗଦେଇ ସାଧାରଣ ଜୀବନରେ ଯୋଗ ଓ ପ୍ରାକୃତିକ ଚିକିତ୍ସାର ଉପାଦେୟତା ବିଷୟରେ କହିଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ସାରିକା ପୁରୋହିତଙ୍କ ଦ୍ୱାରା ଯୋଗଶିକ୍ଷା ପରେ ଡ. ସୁଦର୍ଶନ ଦେବଜୀ ମହାରାଜଙ୍କ ଉପସ୍ଥିତିରେ ୨୦୦ କୁଣ୍ଡୀୟ ଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ଯୋଗ, ଜଜ୍ଞ ଓ ପ୍ରାକୃତିକ ଚିକିତ୍ସା କିଭଳି ମାନବ ସମାଜକୁ ଏକ ନୂଆ ଦିଗ ଦେଖାଇଛି ସେନେଇ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ତେବେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଯୋଗଶିକ୍ଷକମାନେ ମିଳିତ ଭାବେ ଯୋଗ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ପ୍ରସ୍ତାବକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଙ୍କ ପ୍ରତିନିଧି ପିତାମ୍ବର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଶିବିରରେ ସୁରଜ ବକୁଳ, ଲକ୍ଷ୍ମଣ ମାଝୀ, ଅମରେଶ ସାହୁ, ସିଦ୍ଧାର୍ଥ ବହିଦାର, ରଶ୍ମୀରଞ୍ଜନ ବଗର୍ତ୍ତି, ରିଙ୍କି ସାହୁ, ମନ୍ଦାକିନୀ ପଧାନ, ରାଜାରାଣୀ ଚିନ୍ଦା ପ୍ରମୁଖ ସହଯୋଗ କରିଥିଲେ। ନିଳାଚଳ ସାହୁ, ରମେଶ ସାହୁ, ସାନନ୍ଦ ସାହୁ ପ୍ରମୁଖ କାଂସ୍ୟ ଥେରାପି, ମାଟି ଚିକିତ୍ସା, ଆକ୍ୟୁପ୍ରେସର ତଥା ଅନ୍ୟ ପ୍ରାକୃତିକ ଚିକିତ୍ସା କରିଥିଲେ।

## ସାଇଟ ନର୍ସିଂ କଲେଜରେ ଶପଥ ଗ୍ରହଣ ଉତ୍ସବ

ବଲାଙ୍ଗିର, ୧୭ ।୪(ସମିସ): ବଲାଙ୍ଗିର ସାଇଟ୍ ନର୍ସିଂ କଲେଜର ଜିଏନଏମ ଓ ବିଏସସି ନର୍ସିଂର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ଚିକିତ୍ସା କ୍ଷେତ୍ରରେ ନର୍ସମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଚିକତ୍ସାଳୟ ଅଫିସର ଲୋହିତା ତାଣ୍ଡି, ରାମଜୀ ଯୁବକ ସଂଘ ର ସଭାପତି ଡା. ପ୍ରମୋଦ ମିଶ୍ର ଓ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନର୍ସମାନେ ଚିକିତ୍ସା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିଅନ୍ତି। ତେଣୁ ସେମାନେ ନିଜନିଜ କାର୍ଯ୍ୟ ଠିକ୍ ଭାବେ ତୁଲାଇବା ପାଇଁ ମତ ଦେଇଥିଲେ। ପ୍ରଫେସର ଲୋପାମୁଦ୍ରା ମିଶ୍ରଙ୍କ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରିନସିପାଲ ସ୍ନିଗଧାମିନତି ଦାନୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ. ପ୍ରଶାନ୍ତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଲକ୍ଷ୍ମୀ ମେହେର, ରିତା ସାହୁ, ଅର୍ପିତା ପଧାନ, ଜତିନ ରଣା, ମହମ୍ମଦ କାଜିମ୍, ଅଶୋକ ପଧାନ, ବବିତା ମେହେର ପ୍ରମୁଖ ସହଯୋଗ କରିଥିଲେ।

# ବିଶୁଦ୍ଧ ଆଳରେ ବିକ୍ରି ହେଉଛି ସାଧାରଣ ପାଣି

ବଲାଙ୍ଗିର, ୧୭।୪(ସମିସ)

**● ବିନା ପଞ୍ଜିକରଣ, ଯାଞ୍ଚ ପ୍ରମାଣପତ୍ରରେ ଚାଲିଛି କାରବାର**
**● ବଲାଙ୍ଗିର ଜିଲ୍ଲାରେ ପାଣି ପ୍ଲାଣ୍ଟ ସାଜିଛି କୁଟୀର ଶିଳ୍ପ**
**● ଚେଇଁ ଶୋଇଛି ଖାଦ୍ୟ ସୁରକ୍ଷା ବିଭାଗ**
**● କଟକଣା ସତ୍ତ୍ୱେ ବେଧଡକ ଚାଲିଛି ପାଣି ପାଉଚ ତିଆରି**



ବଲାଙ୍ଗିର ଜିଲ୍ଲାରେ ବେଆଇନ ପାଣି କାରବାର ଚାଲିଛି। ପାଣି ମଣିଷ ପାଇଁ ଅତ୍ୟନ୍ତ ଜରୁରୀ। ଏଥିରେ ସାମାନ୍ୟ ଅଣଦେଖା ବି ମଣିଷ ପାଇଁ ବିପଦ ସାଜିପାରେ। ସେଇଥି ପାଇଁ ତ ଲୋକେ ବିଶୁଦ୍ଧ ପାଣି ଟିକିଏ ପାଇଁ ଅନେକ ଅତ୍ୟାଧୁନିକ ବ୍ୟବସ୍ଥାକୁ ଆପଣାଉଛନ୍ତି। ବଲାଙ୍ଗିର ଜିଲ୍ଲାରେ କିନ୍ତୁ ବିଶୁଦ୍ଧ ପାଣି ନାମରେ ଚାଲାକି ଚାଲିଛି। ବିନା ଅନୁମତି ଏବଂ ମାନ ଯାଞ୍ଚରେ ଘରେ ଘରେ ବିଶୁଦ୍ଧ ପାନୀୟ ପାଣି ପ୍ଲାଣ୍ଟ ଚାଲିଛି। କେଉଁଠି ଡବାରେ ବିକ୍ରି ହେଉଛି ତ ପୁଣି କେଉଁଠି ଜାର୍‌ରେ ବିକ୍ରି ହେଉଛି। ସବୁଠାରୁ ସାଂଘାତିକ ବିଷୟ ହେଉଛି ପଲିଥିନ ବ୍ୟାନ୍ ଥିଲେ ସୁଦ୍ଧା ପାଣି ପାଉଚ ତିଆରି ହୋଇ ବଜାରରେ ବିକ୍ରି ହେଉଛି। ଅନେକ ପାଣି ପାଉଚ ଫ୍ୟାକ୍ଟ୍ରି ପଞ୍ଜିକରଣ ହୋଇନି। ଏଣୁ କିଭଳି ବେଆଇନ ଭାବେ ଏହି ପାଣି ପାଉଚ ପ୍ଲାଣ୍ଟ ଚାଲିଛି ତାକୁ ନେଇ ପ୍ରଶ୍ନବାଚୀ ଉଠିଛି।

ବିଶୁଦ୍ଧ ପାଣି ନାମରେ ବିକ୍ରି ହେଉଛି ସାଧାରଣ ପାଣି। ନିୟମାନୁସାରେ ପାଣି ପ୍ଲାଣ୍ଟ କରିବା ପାଇଁ ନିର୍ଦ୍ଦିଷ୍ଟ ନିୟମ ରହିଛି; କିନ୍ତୁ ଏହି ସବୁ ନିୟମ ନ ମାନି ବଲାଙ୍ଗିର ଜିଲ୍ଲାରେ ଏହିଭଳି ପାଣି ପ୍ଲାଣ୍ଟ କୁଟୀର ଶିଳ୍ପ ସାଜିଛି। କେଉଁଠୁ ପାଣି ଆଣିବେ, ପାଣି ଆଣିବା ପରେ ତାକୁ କିଭଳି ବିଶୋଧନ କରାଯିବ, ବିଶୋଧନ କରିବା ପରେ କେତେ ଦିନ ତାହା ବ୍ୟବହାର ଉପଯୋଗୀ ହୋଇ ରହିପାରିବ ସେନେଇ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ରହିଛି; କିନ୍ତୁ ଏତେ ନିୟମକାନୁନ କଥା ପଚାରେ କିଏ? ବଲାଙ୍ଗିର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହିଭଳି ଅନେକ ପାଣି ପ୍ଲାଣ୍ଟ ଦେଖିବାକୁ ମିଳିଛି। ଏହି ପ୍ଲାଣ୍ଟ କରିଥିବା ବ୍ୟବସାୟୀଙ୍କ ପାଖରେ ଆବଶ୍ୟକ ଅନୁମତି କିମ୍ବା ଯାଞ୍ଚ ରିପୋର୍ଟ ନ ଥିବା ଅଭିଯୋଗ ହୋଇଛି। ମନଇଚ୍ଛା ଏହି ବ୍ୟବସାୟୀମାନେ ନିଜ ଘରେ କିମ୍ବା ଯେକୌଣସି ସ୍ଥାନରେ ମେସିନ ବସାଇ ପାଣି ବଟଲିଂ କରି ବିକ୍ରି କରୁଛନ୍ତି। କିଛି ସ୍ଥାନରେ ଜାର, ଡବାରେ ଆଉ ପାଣି ନାମରେ ବିକ୍ରି କରୁଛନ୍ତି। କିଛି ସ୍ଥାନରେ ବିନା କୌଣସି ମେସିନରେ ବି ସାଧାରଣ ଭାବେ ଯୋଗାଣ ହେଉଥିବା ପାଣିକୁ ମଧ୍ୟ ଡବାରେ ଭରି ବିକ୍ରି କରୁଥିବା ଦେଖିବାକୁ ମିଳିଛି। ତେବେ ବିକ୍ରି ହେଉଥିବା ଏହି ପାଣି ଲୋକଙ୍କ ପାଇଁ କେତେ ସୁରକ୍ଷିତ ତାକୁ ନେଇ ପ୍ରଶ୍ନ ଉଠିଛି। ଏହି ପାଣିର ବିଶୁଦ୍ଧତା ଯାଞ୍ଚ କରିବା ପାଇଁ କେଉଁ ବିଭାଗ ଉତ୍ତରଦାୟୀ ସେ ବିଷୟରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଉନାହିଁ। ଅନ୍ୟପକ୍ଷରେ ବଲାଙ୍ଗିର ଜିଲ୍ଲାରେ ଏବେ ବି ପଲିଥିନ ପାଣି ପାଉଚ ତିଆରି ଚାଲିଥିବା ଅଭିଯୋଗ ହୋଇଛି। ପଲିଥିନ ବ୍ୟବହାର ଉପରେ ରୋକ ଲଗାଯାଇଥିବା ସତ୍ତ୍ୱେ କିଭଳି ପାଣି ପାଉଚ ତିଆରି ହେଉଛି ଓ ତାହା ବଜାରରେ ବିକ୍ରି ହେଉଛି ବଡ ପ୍ରଶ୍ନ। ଅନେକ ସ୍ଥାନରେ ନିଜ ଘରେ କିଛି ବ୍ୟବସାୟୀ ମେସିନ ଲଗାଇ ଏହିଭଳି ପାଉଚ ତିଆରି କରି ବିନା ପଞ୍ଜିକରଣ ଓ ଅନୁମତିରେ ପାଣି ପାଉଚ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହି ସବୁ କାରବାର ପାଇଁ କାହା ପାଖରୁ ଅନୁମତି ନିଆଯିବା କଥା ଏହା ବି ଲୋକେ ଜାଣିନାହାନ୍ତି। ଏପରିକି ଏହି କାରବାରର ଯାଞ୍ଚ ଖାଦ୍ୟ ସୁରକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ କରିବା କଥା; କିନ୍ତୁ ଉକ୍ତ ବିଭାଗ ମଧ୍ୟ ସବୁ ଜାଣି ନୀରବ ରହିବା ସମସ୍ତଙ୍କୁ ଚକିତ କରିଛି। ବିଶୁଦ୍ଧ ପାଣି ନାମରେ ବଲାଙ୍ଗିରରେ ଚାଲିଥିବା ଏହି ବେଆଇନ କାରବାର ଯୋଗୁଁ ଆଗକୁ କୌଣସି ସମସ୍ୟା ହେବା ପୂର୍ବରୁ ଆବଶ୍ୟକ ଯାଞ୍ଚ କରିବା ଆବଶ୍ୟକ। ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜିଲ୍ଲାରେ ପଲିଥିନ ପାଣି ପାଉଚ ପ୍ଲାଣ୍ଟ ପାଇଁ କାହାକୁ ଅନୁମତି ଦିଆଯାଇନାହିଁ। ବଟଲିଂ କିମ୍ବା ଜାରରେ ବିକ୍ରି କରିବା ପାଇଁ କିଛି ବ୍ୟକ୍ତିଙ୍କ ପଞ୍ଜିକରଣ ହୋଇଛି। ଏହା ବ୍ୟତୀତ ଜଣେ ଯଦି ନିଜେ ଘରେ ମେସିନ ଲଗାଇ ଏହିଭଳି କାରବାର କରିବ ତେବେ ଏଥିରେ ଶିଳ୍ପ କେନ୍ଦ୍ର ଦାୟୀ ନୁହେଁ।

## ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ

# ନୂଆପଡ଼ା ଏବଂ ଖଡ଼ିଆଳ ଏନ୍ଏସି ଇଓଙ୍କୁ ସମ୍ବର୍ଦ୍ଧନା



**ନୂଆପଡ଼ା, ୧୭ ।୪(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଡୁଡାର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ତିନୋଟି ଏନ୍ଏସି ନୂଆପଡ଼ା, ଖଡିଆଳ ଓ ଖରିଆରରୋଡ୍‌ର କାର୍ଯ୍ୟାବଳୀ ସମୀକ୍ଷା କରାଯାଇଥିଲା। ରାଜସ୍ୱ ସଂଗ୍ରହ, ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ, ପିଏମ୍ଏୱାଇ (ନଗର) ଓ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମଏସ୍‌ବିୱାଇ)ର କାର୍ଯ୍ୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ବିଭିନ୍ନ ଏନ୍ଏସିର କାର୍ଯ୍ୟ ପ୍ରଗତି ଓ ଆର୍ଥିକ ତଥ୍ୟ ଉପସ୍ଥାପନ କରିଥିଲେ। ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହ କ୍ଷେତ୍ରରେ ନୂଆପଡ଼ା ଏନ୍ଏସି ରାଜ୍ୟରେ ପ୍ରଥମ ସ୍ଥାନ ଓ ଖଡିଆଳ ଏନ୍ଏସି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ନୂଆପଡ଼ା ଏନ୍ଏସିର ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହ ୩୯.୧୨ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୫୪.୧୬ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୧୩୮ ପ୍ରତିଶତ।ସେହିପରି, ଖଡ଼ିଆଳ ଏନ୍ଏସିର ୩୫.୮୬ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୪୮.୫୮ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୧୩୫ ପ୍ରତିଶତ। ଖରିଆରରୋଡ ଏନ୍ଏସି ମଧ୍ୟ ୭୨ ପ୍ରତିଶତ ଲକ୍ଷ୍ୟ ହାସଲ କରିଛି।ବୈଠକରେ ନୂଆପଡ଼ା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନ୍ଏସିର ସ୍ୱାଧୀନ ମହାରଣାଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରି ସେମାନଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ। ବୈଠକରେ ନୂଆପଡ଼ା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନ୍ଏସିର ସ୍ୱାଧୀନ ମହାରଣା, ଖରିଆରରୋଡ ଏନ୍ଏସିର କମଳାସନ ରଥ ସହିତ ନଗର ଉନ୍ନୟନ ଓ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

## କଳାହାଣ୍ଡି ଖାଉଟି ଅଦାଲତର ଗୁରୁତ୍ୱପୂର୍ଣ୍ଣ ରାୟ

# କେଶ ତୈଳ କମ୍ପାନୀକୁ ୫୦ ଲକ୍ଷ ଟଙ୍କା ଜରିମାନା

### ବଲିଉଡ ଅଭିନେତ୍ରୀ କିଏରା ଆଡ଼ଭାନୀଙ୍କୁ ୧୦ ଲକ୍ଷ ଜରିମାନା

**ଭବାନୀପାଟଣା, ୧୭ ।୪(ସମିସ)**

କଳାହାଣ୍ଡି ଜିଲ୍ଲା ଉପଭୋକ୍ତା ବିବାଦ ନିବାରଣ କମିଶନ (ଖାଉଟି ଅଦାଲତ)ରେ ବୁଧବାର ବଜାଜ ଆଲମଣ୍ଡ ଡ୍ରପ୍ସ ହେୟାର ଓଏଲ କମ୍ପାନୀ ଦଣ୍ଡିତ ହୋଇଛି। ସାଧାରଣ ଉପଭୋକ୍ତାଙ୍କୁ ବାଦାମ (ଆଲମଣ୍ଡ)ତେଲ ବିକ୍ରୟ ଓ ପ୍ରଚାର ନାମରେ ଭ୍ରମାତ୍ମକ ବିଜ୍ଞାପନ ଦେଇ ଅନ୍ୟାୟ ବ୍ୟାପାର ପ୍ରକ୍ରିୟା କରୁଥିବା ଅଭିଯୋଗରେ କମ୍ପାନୀକୁ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା କରିଛି ଖାଉଟି ଅଦାଲତ। ସେହିପରି ତେଲର ବ୍ରାଣ୍ଡ ଅମ୍ବାସଡ଼ର ଥିବା ବଲିଉଡ ଅଭିନେତ୍ରୀ କିଏରା ଆଡ଼ଭାନୀଙ୍କୁ ମଧ୍ୟ ୧୦ ଲକ୍ଷ ଟଙ୍କା ଜରିମାନା କରିଥିବା କମିଶନର ନିଜ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ନୂଆପଡ଼ା ଜିଲ୍ଲାର ଦୀପକ କୁମାର ଦୁବେଙ୍କ ଦ୍ୱାରା ଅଭିଯୋଗ ଦାଖଲ ହୋଇଥିଲା। ସେ ଅଭିଯୋଗ କରିଥିଲେ ଯେ, କିଣିଥିବା ତେଲ ଉତ୍ପାଦଟିକୁ'ଆଲମଣ୍ଡ ଓଏଲ' ଭାବେ ପ୍ରଚାର କରାଯାଉଥିଲେ ମଧ୍ୟ, ତାହାର ପ୍ରଧାନ ଉପାଦାନ ୭୬.୮% ଲାଇଟ ଲିକ୍ୱିଡ୍ ପାରାଫିନ (ମିନେରାଲ ଓଏଲ) ଅଟେ, ଯେଉଁଥିରେ ଆଲମଣ୍ଡ ତେଲର ଅଂଶ ଅତ୍ୟନ୍ତ କମ୍ ଅଛି ବୋଲି ଦର୍ଶାଇଥିଲେ। ତେବେ କମିଶନର ଅଶ୍ୱିନୀ କୁମାର ପାତ୍ର ଓ ସଦସ୍ୟା ଜୋତ୍ସ୍ନାରାଣୀ ମିଶ୍ର ମାମଲାର ବିଚାର କରି ରାୟରେ କହିଛନ୍ତି ଯେ, ପ୍ରଚାର ଓ ପ୍ୟାକେଜିଂରେ ଆଲମଣ୍ଡ ଛବି ଓ ବୁନ୍ଦ ବୁନ୍ଦ ମେ ପୋଷନ ଭଳି ଟ୍ୟାଗଲାଇନ ଦ୍ୱାରା ସାଧାରଣ ଉପଭୋକ୍ତାଙ୍କୁ ଭ୍ରମିତ କରାଯାଇଛି। ଏହାକୁ'ଡାର୍କ ପ୍ୟାଟର୍ନ' ବୋଲି ମଧ୍ୟ କମିଶନ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ କମିଶନ ପାତ୍ର ଉତ୍ପାଦନ ମୂଲ୍ୟ ୧୮୪ ଟଙ୍କା ଉପଭୋକ୍ତାଙ୍କୁ କମ୍ପାନୀ ଫେରାଇ ଦେବାକୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉପଭୋକ୍ତାଙ୍କ କ୍ଷତି ପୂରଣ ବାବଦକୁ ୧ ଲକ୍ଷ ଟଙ୍କା, ମାମଲା ଖର୍ଚ୍ଚ ପାଇଁ ୨୫ ହଜାର ଟଙ୍କା, କମ୍ପାନୀ ଓ ଅନଲାଇନ ପ୍ଲାଟଫର୍ମ ପକ୍ଷରୁ ଉଭୟେ ୨୫ ଲକ୍ଷ ରାଜ୍ୟ ଖାଉଟି ଉପଭୋକ୍ତା ସୁରକ୍ଷା ପାଣ୍ଠିରେ ଜମା, ବ୍ରାଣ୍ଡ ଆମ୍ବାସଡରଙ୍କୁ ୧୦ଲକ୍ଷ ଜରିମାନା, ଭବିଷ୍ୟତରେ ପ୍ରଚାରରେ ମିନେରାଲ ଓଏଲ ପ୍ରତିଶତ ସ୍ପଷ୍ଟ ଭାବେ ଦେଖାଇବା ଓ ୪୫ ଦିନ ମଧ୍ୟରେ ରାୟ ପାଳନ କରିବା ସହ ଭ୍ରମ।।କ ବିଜ୍ଞାପନ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ଆହୁରି କହିଛନ୍ତି ଯେ, ଉପଭୋକ୍ତାଙ୍କ ସଚେତନ ପସନ୍ଦ ଅଧିକାରକୁ କମ୍ପାନୀ ଉଲ୍ଲଂଘନ କରିଛି। ସେଲିବ୍ରିଟିମାନେ ମଧ୍ୟ ବିଜ୍ଞାପନ ପୂର୍ବରୁ ଯଥେଷ୍ଟ ଯାଞ୍ଚ କରନ୍ତୁ ବୋଲି କମିଶନ ସ୍ପଷ୍ଟ କରିଛନ୍ତି।

# ଡ.ଶିବରାମ ନାୟକଙ୍କୁ କଳାହାଣ୍ଡି ପ୍ରତିଭା ସମ୍ମାନ

**ଭବାନୀପାଟଣା, ୧୭ ।୪(ସମିସ):** ରିଖ ବିଭିନ୍ନ ସାମାଜିକ ଉନ୍ନତିମୂଳକ ସଚେତନତା ତଥା ଶିକ୍ଷାମୂଳକ କାର୍ଯ୍ୟକ୍ରମରେ ସକ୍ରିୟଭୂମିକା ତଥା ଦେଶର ଅନୁନ୍ନତ ଅଞ୍ଚଳରେ ଉନ୍ନତମାନର ଶିକ୍ଷାବ୍ୟବସ୍ଥା ସୃଷ୍ଟି କରିବାରେ ଶେଷ୍ଠ



ଅବଦାନ ପାଇଁ ଭବାନୀପାଟଣା ସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ.ଶିବରାମ ନାୟକଙ୍କୁ କଳାହାଣ୍ଡି ପ୍ରତିଭା ସମ୍ମାନ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଉତ୍କଳ ବିକାଶ ପରିଷଦ ଦ୍ୱାରା ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ସମ୍ମାନରେ ସମ୍ମାନିତ କରାଯାଇଛି। ଉତ୍କଳ ବିକାଶ ପରିଷଦର ମହାସଚିବ ଅନିଲ କୁମାର ଦଳାଇ ସଭାପରିଚାଳନା କରିଥିବା ବେଳେ ପରିଷଦର ଅଧ୍ୟକ୍ଷ ନଟବର ଖୁଣ୍ଟିଆ ଅଧ୍ୟକ୍ଷତା କରିଥିଲେ ଓ ଋଷି ଗୁମାନସିଂହ ଧନ୍ୟବାଦ ଦେଇଥିଲେ।

## ଅନ୍ୱେଷା ହଷ୍ଟେଲ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

# ଚିକିତ୍ସାରେ ଅବହେଳା ଅଭିଯୋଗ

**ନୂଆପଡ଼ା, ୧୭ ।୪(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହାକୁମାସ୍ଥିତ ଅନ୍ୱେଷା ହଷ୍ଟେଲରେ ଦଶମ ଶ୍ରେଣୀ ଛାତ୍ରଙ୍କ ଜ୍ୱରରେ ପଡ଼ି ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ପରିବାରକୁ ଆର୍ଥିକ ସହାୟତା ରାଶି ଯୋଗାଇଦେବାକୁ ଦାବି ହୋଇଛି। ମୃତକ ଛାତ୍ରଙ୍କ ମୃତଦେହ ନିଜ ଗାଁ ନୂଆପଡ଼ା ବ୍ଲକ ଚିଙ୍ଗରାସରା ଗାଁରେ ଅନ୍ତିମ ସଂସ୍କାର କରାଯାଇଛି। ପ୍ରାପ୍ତ ସୂଚନା ମୁତାବକ ଚିଙ୍ଗରାସରା ଗାଁର ତାରକେଶ୍ୱର ଏବଂ ହୋଲିକା ମାଝିଙ୍କ ବଡ଼ ପୁଅ ଖରିଆରରୋଡ଼ସ୍ଥିତ ଅନ୍ୱେଷା ହଷ୍ଟେଲରେ ରହି କେଜି ସରାଫ ସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ।ଗତ ୯ତାରିଖ ଦିନ ଅମିତଙ୍କୁ ଜ୍ୱର ହେବା ପରେ ସ୍ଥାନୀୟ ସରକାରୀ ହସ୍ପିଟାଲରେ ଚିକିତ୍ସିତ କରାଗଲା। ପରେ ୧୦ତାରିଖ ଦିନ ତାଙ୍କ ପରିବାର ଲୋକ ଘରକୁ ନେଇ ଯାଇଥିଲେ। ଦୁଇ ଦିନ ପରେ ପୁଣି ଅସୁସ୍ଥ ହେବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।ସେଠାରେ ଡାକ୍ତରଅବସ୍ଥା ଗୁରୁତର ହେବାରୁ ବୁର୍ଲାକୁ ସ୍ଥାନାନ୍ତର କରିବାକୁ ପରାମର୍ଶ କରିଥିଲେ। ହେଲେ ତାଙ୍କୁ ପରିବାରଲୋକ ପଡୋଶୀ ମହାସମୁନ୍ଦସ୍ଥିତ ଏକ ଘରୋଇ ହସ୍ପିଟାଲରେ ନେଇ ଭର୍ତ୍ତି କରିଥିଲେ। ସେଠାରେ ଦୁଇ ଦିନ ଚିକିତ୍ସିତ ହେବା ପରେ ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ତାଙ୍କୁ ରାତିରେ ଗାଁକୁ ଅଣାଯାଇଥିଲା। ସକାଳେ ଦାହସଂସ୍କାର ସମୟରେ କେଜିସରାଫ ସ୍କୁଲର କର୍ମଚାରୀ, ଅନ୍ୱେଷା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୌଶଲ୍ୟା ମାଝୀ ପହଞ୍ଚିଥିବା ବେଳେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝୀ ମଧ୍ୟ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଠିକ ସମୟରେ ପ୍ରଶାସନ ତରଫରୁ ଛାତ୍ରଙ୍କ ଚିକିତ୍ସା କରାଯାଇନଥିବାରୁ ଏଭଳି ଅବସ୍ଥା ହୋଇଛି ବୋଲି ଶ୍ରୀ ମାଝୀ ଅଭିଯୋଗ ଆଣିଥିଲେ। ପରିବାର ଲୋକଙ୍କୁ ୧୦ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇଦେବାକୁ ଦାବି କରିଛନ୍ତି। ଏସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦିପ୍ତିମନ୍ତ ଭୋଇଙ୍କୁ ପଚାରିବାରୁ ବିଭାଗ ତରଫରୁ ଠିକ ସମୟରେ ଚିକିତ୍ସା କରାଯାଇଥିଲା। ଆମ ଅଧିକାରୀମାନେ ମହାସମୁନ୍ଦକୁ ଯାଇ ମଧ୍ୟ ତଦାରଖ କରିଥିଲେ ବୋଲି କହିଛନ୍ତି।

# ପୋଖରୀରେ ବୁଡ଼ି ୭ ବର୍ଷର ଶିଶୁ ମୃତ

**ଧର୍ମଗଡ଼, ୧୭ ।୪(ସମିସ):** ଗୋଲାମୁଣ୍ଡା ଥାନା ଅଧୀନ ଖଲିଆକାନି ଗାଁରେ ପୋଖରୀରେ ଗାଧୋଉଥିବା ସମୟରେ ଜଣେ ସାତ ବର୍ଷର ଶିଶୁ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, ଧର୍ମଗଡ଼ ଥାନା ଅଧୀନ ଛିଲିପା ଗାଁର ଦେବସିଂ ମଙ୍ଗରାଜ ତାଙ୍କ ପୁଅ ନିଲୁ ମଙ୍ଗରାଜ (୭) ଏବଂ ସ୍ତ୍ରୀଙ୍କ ସହ ଶ୍ୱଶୁର ଘର ଖଲିଆକାନିକୁ ଆସିଥିଲେଫ ପ୍ରବଳ ଗରମ ଯୋଗୁଁ ନିଲୁ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୁର୍ଭାଗ୍ୟବଶତଃ, ସେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋଲାମୁଣ୍ଡା ଡାକ୍ତରଖାନାକୁ ନେଇଥିଲେ, କିନ୍ତୁ ଡାକ୍ତର ସେଠାରେ ଶିଶୁଟିକୁ ମୃତ ଘୋଷଣା କରିଥିଲେ।

# ସିନାପାଲିରେ ଗୃହ ତାଲିକା ଓ ଗୃହ ଗଣନା

**ସିନାପାଲି, ୧୭ ।୪(ସମିସ):** ସ୍ୱଗଣନ ପ୍ରକ୍ରିୟା ଶେଷ ହେବା ପରେ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଅନୁଯାୟୀ ଗୃହ ତାଲିକା ଓ ଗୃହଗଣନା କାର୍ଯ୍ୟ ସିନାପାଲି ବ୍ଲକ ଅଞ୍ଚଳରେ ଆରମ୍ଭ ହୋଇଯାଇଛି। ବ୍ଲକ ଇନଚାର୍ଜ ଅଫିସର ତଥା ସିନାପାଲି ତହସିଲଦାର ଉପାଞ୍ଜଳୀ ମାଝିଙ୍କ ତତ୍ତ୍ୱାବଧାନରେ ମୋଟ ୨୦୪ ଜଣ ଗଣନାକାରୀ ଓ ୩୪ ଜଣ ପର୍ଯ୍ୟବେକ୍ଷକ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଆପତ୍ତକାଳିନ ସୁବିଧା ପାଇଁ ପ୍ରାୟ ୧୦ ପ୍ରତିଶତ କର୍ମଚାରୀ ରିଜର୍ଭ ରହିଥିବା ଜଣାପଡ଼ିଛି। ଗଣନାକାରୀମାନେ ନିଜ ନିଜ କ୍ଷେତ୍ର ଅନ୍ତର୍ଗତ ଘରଘର ବୁଲି ପ୍ରଥମେ ଜନଗଣନା ଘର ଚିହ୍ନଟ କରୁଛନ୍ତି। ଏହା ପରେ ନିର୍ଦ୍ଧାରିତ ପ୍ରାୟ ୩୩ଟି ପ୍ରଶ୍ନ ମାଧ୍ୟମରେ ପ୍ରତି ପରିବାରର ବିବରଣୀ ସଂଗ୍ରହ କରିବେ ବୋଲି ଜଣାପଡ଼ିଛି।ଜରୁରୀ କାର୍ଯ୍ୟରେ ସମସ୍ତେ ସହଯୋଗ କରି ସଠିକ ତଥ୍ୟ ପ୍ରଦାନ କରିବାକୁ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

## ■ ଜିଲ୍ଲାସ୍ତରୀୟ ଇଣ୍ଟର କ୍ଲବ୍ ଫୁଟବଲ ପ୍ରତିଯୋଗିତା

# ବାଳକରେ ବୋର୍ଡା, ବାଳିକାରେ ଦେଓଗାଁ ଚାମ୍ପିଅନ







**ଭବାନୀପାଟଣା, ୧୭ ।୪ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଗତ ୧୦ତାରିଖ ଠାରୁ ଚାଲିଥିବା (୧୪ବର୍ଷରୁ କମ) ଜିଲ୍ଲାସ୍ତରୀୟ ଇଣ୍ଟର କ୍ଲବ୍ ଫୁଟବଲ ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଯାଇଛି। ବାଳକ ପ୍ରତିଯୋଗିତାର ଫାଇନାଲ ଖେଳ ବୋର୍ଡା ଫୁଟବଲ କ୍ଲବ୍ ଓ କେସିଙ୍ଗା ଫୁଟବଲ କ୍ଲବ୍ ମଧ୍ୟରେ ହୋଇଥିଲା। ୮-୦ଗୋଲ ଦେଇ ବୋର୍ଡା ଫୁଟବଲ କ୍ଲବ୍ ଚାମ୍ପିଅନ ହୋଇଥିଲା ବେଳେ କେସିଙ୍ଗା ଫୁଟବଲ କ୍ଲବ୍ ରନର୍ସ ଅପ୍ ହୋଇଥିଲେ। ସେହିପରି ବାଳିକା ବିଭାଗରେ ଦେଓଗାଁ ଫୁଟବଲ କ୍ଲବ୍ ଚାମ୍ପିଅନ ହୋଇଥିବା ବେଳେ ଶାସ୍ତ୍ରୀଜୀ ଫୁଟବଲ କ୍ଲବ୍ ରନର୍ସ ଅପ୍ ହୋଇଥିଲା। ରେଫରୀ ଭାବେ ସନ୍ତୋଷ ନାଏକ ପରିଚାଳନା କରିଥିଲା ବେଳେ ପୁରନ୍ଦର ମାଝୀ, ଭବେନ୍ଦ୍ର ଗୋପାଳ ଓ ନିର୍ମଳ ପ୍ରଧାନ, ଶୈଳ ଦୀପ, ମନୋରଞ୍ଜନ ମାଝୀ, ରାଜକୁମାର ହେଣ୍ଡା, ସୌମ୍ୟରଞ୍ଜନ ଛତ୍ରିଆ, ଓ ଚଞ୍ଚଳ ମାଝୀ ତାଙ୍କୁ ସହଯୋଗ କରିଥିଲେ। ମ୍ୟାଚ୍ କମିଶନର ନବୀନ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା। କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜେପି ଉପସଭାପତି ଭବେନ୍ଦ୍ର ପଣ୍ଡା ଯୋଗ ଦେଇ ଫାଇନାଲ ଖେଳର ବିଜେତା ଓ ଉପବିଜେତା ଦଳଙ୍କୁ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଖେଳାଳିଙ୍କୁ ଜଣେ ଜଣେ ଉତ୍ତମ କ୍ରୀଡ଼ାବିତ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଉପଦେଶ ଦେଇଥିଲେ। ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଜିଲ୍ଲା କ୍ରୀଡାସଂସ୍ଥା ଫୁଟବଲ ସମ୍ପାଦକ ଏମଡି. ଅବଦୁଲ କାଦିର, ଜିଲ୍ଲା କ୍ରୀଡାସଂସ୍ଥା ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରରେ ଆଇନ୍ ସଚେତନତା ସଭା




**କୋକସରା, ୧୭ ।୪(ସମିସ):** କୋକସରା ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ, କୋକସରା ତାଲୁକା ଆଇନ ସେବା ସମିତି ପକ୍ଷରୁ ମହିଳାଙ୍କ ଯୌନ ଉତ୍ପୀଡିନ ନିବାରଣ ଏବଂ ପ୍ରତିକାର ଆଇନ ବିଷୟରେ ସଚେତନତା ସଭା ଆୟୋଜିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଭବାନୀ ଶଙ୍କର ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷା ଲିପ୍ସା ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୋକସରା ବାର ଆସୋସିଏସନ୍ ତରଫରୁ ରସିକ ରାଜ ଦୁର୍ଗା, ପ୍ରିୟରଞ୍ଜନ ବେହେରା, ମନୋଜ ନାଏକ, ଲକ୍ଷ୍ମୀଧର ଖମାରି, ଲକ୍ଷ୍ମୀ ଧର ମେହେର ଏବଂ ଜଗା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।କାର୍ଯ୍ୟକ୍ରମକୁ ସଭିଲ କୋର୍ଟର ଉପ ପ୍ରଶାସକ କେଶବ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ।

# ରେଣ୍ଡୋ ମାଝୀଙ୍କ ଜୟନ୍ତୀ ପାଳିତ

**ମ. ରାମପୁର, ୧୭ ।୪(ସମିସ):** କଳାହାଣ୍ଡିର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ଲୁବେନଗଡ଼ ସହିଦ ରେଣ୍ଡୋ ମାଝୀ ସ୍ମାରକୀ କମିଟ ପକ୍ଷରୁ ଆୟୋଜିତ ଉତ୍ସବରେ ରେଣ୍ଡୋ ମାଝୀଙ୍କ ଦାୟାଦ ଯୋଗେଶ୍ୱର ମାଝୀ, ବିଶୁ କେଶନ ମାଝୀଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନାଗରିକ ଅବସର ପ୍ରାପ୍ତ ପୁଲିସ ଅଧିକାରୀ ବୈଦ୍ୟ ନାରାୟଣ ଭୋଇ ଯୋଗ ଦେଇ ଥିଲେ। ପ୍ରଥମେ ସହିଦଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ପୂର୍ବକ ସ୍ମୃତିଚାରଣ କରି ବୀର ସହିଦର ଗାଥା ବର୍ଣ୍ଣନା କରିଥିଲେ। ସ୍ମାରକୀ କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ।




## ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା

# ୧୦ ଟପ୍ପର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ନୂଆପଡ଼ା, ୧୭ ।୪(ସମିସ):** ସିବିଏସଇ ଦଶମ ଶ୍ରେଣୀ ୨୦୨୬ର ପରୀକ୍ଷାରେନୂଆପଡ଼ା ଜିଲ୍ଲାର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତ। ସମଗ୍ର ଶିକ୍ଷା ନୂଆପଡ଼ାର ଆନୁକୂଲ୍ୟରେ ଦଶମ ଟପ୍ପରଙ୍କ ପାଇଁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସଭା ମୁଖ୍ୟାଳୟର ସ୍ଥାନୀୟ କନଫରେନ୍ସ ହଲରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖଡ଼ିଆଳର ଛାତ୍ରୀ ଆରୁଷି ଶୁକ୍ଳା ୪୯୧ ମାର୍କ (୯୮.୨%) ସହ ଜିଲ୍ଲା ଟପ୍ପର ହୋଇଥିବା ବେଳେ, ସେହି ବିଦ୍ୟାଳୟର ମଧୁସ୍ମିତା ମହାନ୍ତି ଓ ପ୍ରତିକ୍ଷା କୁମ୍ଭାର ୪୮୭ ମାର୍କ (୯୭.୪%) ସହ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ତରବୋଡର ସମୀକ୍ଷା ପି.ଶବର ୪୮୨(୯୬.୩୩%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନେଗିପାଲିର ଯୋଗେଶ କେଉଟ ୪୮୨ (୯୬.୪%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଦିର ପ୍ରିୟଂଶି ସାହୁ ୪୮୭ (୯୭.୪%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଝଗ୍ରାହୀର ପ୍ରାଚୀ ଜୈନ ୪୭୫ (୯୫%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଟିମନପୁରର କୁମକୁମ ତାଣ୍ଡି ୪୭୭ (୯୫.୪%), ଓଡ଼ିଶା ଆଦର୍ଶ ବିଦ୍ୟାଳୟ କେଶରାଜପୁରର ସୁଭ୍ରାନ ଶେଖର ପଣ୍ଡା ୪୬୯ (୯୩.୮% ଓ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ନୂଆପଡ଼ାର ପ୍ରେରଣା ସେଠ ୪୫୦ (୯୦%) ମାର୍କ ରଖି ସ୍ୱତନ୍ତ୍ର ସଫଳତା ଅଧିଗତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ମଙ୍ଗଳ ଅଧିକାରୀ ଦିପ୍ତିମନ୍ତ ଭୋଇ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ କହିଲେ ଏହି ସମ୍ବର୍ଦ୍ଧନା ସେମାନଙ୍କୁ ଆଗାମୀ ଦିନରେ ଆହୁରି ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ। ସେହିପରି ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପ ଓ ଦୃଷ୍ଟିକୋଣ ବିଷୟରେ ଉଲ୍ଲେଖ କରିଥିଲେ।

# ଶ୍ରାଦ୍ଧ ଦିବସରେ ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି







**ଧର୍ମଗଡ଼, ୧୭ ।୪(ସମିସ)**

ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ବୋଡ଼େନ ଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରାଜ୍ୟ ସାଧାରଣ ସମ୍ପାଦକ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ରାଜ୍ୟ ସମ୍ପାଦିକା ସୁଶ୍ରୀ ହୀରା ବାଗ, ଜିଲ୍ଲା ସାଧାରଣ ସମ୍ପାଦକ ରାଜୁ ଅଗ୍ରୱାଲ ଓ ଧର୍ମଗଡ଼ ବ୍ଲକ ସଭାପତି ଡାକେ ଲହଜଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥଲେ। କାର୍ଯ୍ୟକ୍ରମରେ କଲମପୁର ବ୍ଲକ ସଭାପତି ଅଭି ବାଗ, କୋକସରା ବ୍ଲକ ସଭାପତି ସୁଶାନ୍ତ ବେହେରା, ଧର୍ମଗଡ଼ ମହିଳା ସଭାନେତ୍ରୀ ମମତା ଗୋପାଳ, କଲମପୁର ସଭାନେତ୍ରୀ ମଧୁ ଛନ୍ଦା, ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର ନାଏକ, ପ୍ରଶାନ୍ତ ତିୱାରୀ, ବେଣୁ ନାଏକ, ପଞ୍ଚକ ପୋଡ, ଜିଲ୍ଲା ପରିଷଦ ସଭ୍ୟ ଗୋପୀ ମହାନନ୍ଦ ଶଙ୍କର ଜୁଏଡ, ଭବେଶ ଗଏନ୍ତା, ହେମନ୍ତ ମାଝୀ, ନିବେଦିତା ହଂସ ଦୁହିତା ମାଝୀ, ବୈଜୟନ୍ତୀ ପୁଝାରୀ, ରତନ ନାଏକ, ରାଜେନ୍ଦ୍ର ଭୋଇ, ଯୁବ ନେତା ଭବାନୀ ବଣିଆ ସମେତ ବିଜେଡିର ବହୁ ନେତା ସାମିଲ ହୋଇ ବିଜୁ ବାବୁଙ୍କ ଅବଦାନକୁ ସ୍ମରଣ କରିଥିଲେ। ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ମୁନି ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ଭଏଁସାଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଜୁନାଗଡ଼:** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ରେଣ୍ଡୋମାଝି ଭବନରେ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ତିରୋଧାମ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦାନ କରି ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ସ୍ଥିତ ବିଜୁପଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ପରେ ରେଣ୍ଡୋ ମାଝି ଭବନରେ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମଧ୍ୟରେ କଳାହାଣ୍ଡି ଜିଲ୍ଲାପରିସଦ ଉପାଧ୍ୟକ୍ଷା ସୁଧୀରା ମେହେର, ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଜୁନାଗଡ଼ ଏନ୍ଏସି ଅଧ୍ୟକ୍ଷା ହିମାଦ୍ରୀ ନାଏକ, ଜିଲ୍ଲାପରିଷଦ ସଙ୍ଗୀତା ଖରସେଲ, ଲାଲବାହାଦୁର ଯାନୀ, ଦିଗାମ୍ବର ନାଏକ, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମହେଶ ସାହୁ, ସତୀଶ ପ୍ରଧାନ ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ।

